# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 April - 2024**

## ପ୍ରଧାନମନ୍ତ୍ରୀ

ପାଣିପାଗ ବିଭାଗର ଆକଳନ ଅନୁସାରେ ଚଳିତବର୍ଷ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚିକିତ୍ସାଳୟଗୁଡିକରେ ଅତ୍ୟାବଶ୍ୟକ ଔଷଧ, ସାଲାଇନ, ଆଇସ୍ ପ୍ୟାକ, ଓଆରଏସ୍ ଏବଂ ପାନୀୟ ଜଳ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଟେଲିଭିଜନ, ରେଡିଓ ଏବଂ ସାମାଜିକ ଗଣମାଧ୍ୟମରେ  ଆଞ୍ଚଳିକ ଭାଷାରେ  ଗ୍ରୀଷ୍ମ ପ୍ରବାହ, ଅଂଶୁଘାତ ସମ୍ବନ୍ଧୀୟ ଅତ୍ୟାବଶ୍ୟକ ସୂଚନା ପ୍ରସାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଗୁଡିକ କିପରି ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । କେନ୍ଦ୍ର, ରାଜ୍ୟ ଓ ଜିଲ୍ଲାସ୍ତରର ସମସ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଅଂଶୁଘାତ ଜନିତ ସମସ୍ୟାଗୁଡିକର ମୁକାବିଲା ଦିଗରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ।

# ତୃତୀୟ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି

ଦେଶରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଆସନପାଇଁ ମତଦାନ ଅନୁଷ୍ଠିତ ହେବ । ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ମଇ ମାସ ୭ ତାରିଖରେ ଭୋଟଗ୍ରହଣ ହେବ ।

ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା ଆସାମ, ବିହାର, ଛତିଶଗଡ, ଦାଦ୍ରା ନଗର ହାବେଳି, ଡାମନ-ଡିଉ, ଗୋଆ, ଗୁଜରାଟ, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ।

# ରାଜ୍ୟ ବଜେଟ

ଚଳିତବର୍ଷ ଜୁନ ମାସରେ ରାଜ୍ୟ ବିଧାନସଭାର ସପ୍ତଦଶତମ ଅଧିବେଶନ ଅନୁଷ୍ଠିତ ହେବ । ଅଧିବେଶନରେ ଚଳିତ ଆର୍ଥିକ ବର୍ଷ ୨୦୨୪ବର୍ଷ ପାଇଁ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଏହା ସହିତ ଗତ ଆର୍ଥିକ ବର୍ଷ ୨୦୨୩-୨୪ ଲାଗି ଗୃହରେ ସଂଶୋଧିତ ପ୍ରସ୍ତାବ ଅଣାଯିବ । ଏହାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ଚଳିତମାସ ଶେଷ ସୁଦ୍ଧା ବିଭାଗୀୟ ପ୍ରଶାସନିକ ଅଧିକାରୀ ପ୍ରସ୍ତାବ ପଠାଇବାକୁ କୁହାଯାଇଛି ।

ସୂଚନାଯୋଗ୍ୟ ଚଳିତବର୍ଷ ସାଧାରଣ ନିର୍ବାଚନ ଲାଗି ଫେବୃୟାରୀ ମାସ ୮ତାରିଖରେ ଗୃହରେ କାମଚଳା ବଜେଟ ଆଗତ କରାଯାଇଥିଲା ।

# ନିର୍ବାଚନ ପରିଚାଳନା

ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲ୍ଲାର ତିନୋଟି ସଦର ମହକୁମାସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଓ ଭିଭିପାଟ୍ ମେସିନକୁ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ଭଞ୍ଜନଗରରେ ଆଠଟି ଷ୍ଟ୍ରଙ୍ଗରୁମ, ଛତ୍ରପୁରରେ ୧୫ଟି, ବ୍ରହ୍ମପୁରରେ ୧୨ଟି ଷ୍ଟ୍ରଙ୍ଗରୁମ କରାଯାଇଛି । ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ମେ ୧୩ତାରିଖରେ ବ୍ରହ୍ମପୁର ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ ।

# ଇ-ଉପସ୍ଥାନ

ରାଜ୍ୟରେ ସମସ୍ତ ସ୍କୁଲଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଇ-ଉପସ୍ଥାନ ପାଇଁ ଏକ ପୋର୍ଟାଲ ତିଆରି କରାଯାଇଛି । ଏହି ପୋର୍ଟାଲରେ ଉପଲବ୍ଧ ଆପ୍ ଜରିଆରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସେମାନଙ୍କର ଉପସ୍ଥାନ ପକାଇବେ । ଭୁବନେଶ୍ୱର ମହାନଗର ନିଗମରେ ପ୍ରାଥମିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ କେତେକ ସ୍କୁଲରେ ଏବଂ  କାଲିମେଳାର ୪ଟି ସ୍କୁଲରେ ଇ-ଉପସ୍ଥାନ ଆରମ୍ଭ କରାଯାଇଛି । ଗ୍ରାମାଞ୍ଚଳ ଭାବେ

କାଲିମେଲା ଏବଂ ସହରାଞ୍ଚଳ ଭାବେ ଭୁବନେଶ୍ୱରକୁ ପରୀକ୍ଷାମୂଳକ ଭାବେ ଇ-ଉପସ୍ଥାନ କାର୍ଯ୍ୟ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ।

# ପ୍ରଧାନ ଶିକ୍ଷକଙ୍କ ବୈଠକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକମାନଙ୍କର ଆଜି ବୈଠକ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଚଳିତ ଶିକ୍ଷାବର୍ଷ ଲାଗି ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କ ପାଠ ପଢିବା ଓ ଗୁଣାତ୍ମକଶିକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ଆଲୋଚନା ହେବ ।ଗ୍ରୀଷ୍ମଛୁଟି ପୂର୍ବରୁ ପାଠପଢା ବିଷୟ  ନେଇ ଆଲୋଚନା ହେବା ସହ ଛୁଟିରେ ପାଠପଢା ଯେପରି ବ୍ୟାହତ ନ ହୁଏ ସେଥିଲାଗି ଅନ୍‌ଲାଇନ କ୍ଲାସ କରାଯିବା ନେଇ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି ।

# ସ୍ୱତନ୍ତ୍ର ଟ୍ରେନ

ସମ୍ବଲପୁର ଓ ପୁଣେ ମଧ୍ୟରେ ଆସନ୍ତା ରବିବାର ୧୪ତାରିଖରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ।ଜୁନ ମାସ ୩୦ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନଟି ଚାଲିବ । ସପ୍ତାହର ପ୍ରତ୍ୟେକ ରବିବାର ସମ୍ବଲପୁରରୁ ପୁନେ ଅଭିମୁଖେ ଟ୍ରେନ ଯାତ୍ରା କରିବ  । ଏଥି ସହିତ ସୁରତ-ବ୍ରହ୍ମପୁର-ସୁରତ ଏବଂ

ଭୁବନେଶ୍ୱର-ବାଙ୍ଗୋଲୋର-ଭୁବନେଶ୍ୱର ସାପ୍ତାହିକ ଟ୍ରେନ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

# ପାଣିପାଗ

ରାଜ୍ୟରେ ଆଜିଠାରୁ ପାଗ ବଦଳିବା ସହ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୬-୮ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅପରପକ୍ଷେ ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ଜନିତ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଆଜି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର ଓ ନୂଆପଡ଼ାରେ ହାଲୁକା ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର କହିଛି । ଗତକାଲି ରାଜ୍ୟର ୪ଟି ସହରରେ ଏପ୍ରିଲ ମାସର ସବୁଠାରୁ ଥଣ୍ଡା ଦିନ ଥିଲା ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବର୍ଷା ଓ ମେଘୁଆ ପାଗ ପ୍ରଭାବରେ ଆଭ୍ୟନ୍ତରୀଣ ଓଡିଶାରେ ତାପମାତ୍ରା ହ୍ରାସ ପରିଲକ୍ଷିତ ହୋଇଥିଲା ।